# କବି ବ୍ରଜନାଥ ଓଡ଼ିଆ ସାହିତ୍ୟ ଜଗତର ଯୁଗସ୍ରଷ୍ଟା ଥିଲେ



ଦ୍ୱିତୀୟ ମହିମା ବହିମେଳାର ୫ମ ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

ଢେଙ୍କାନାଳ,୧୪।୪(ରତନ ନାୟାର)

ଢେଙ୍କାନାଳ ମିନି ଷ୍ଟାଡିୟମଠାରେ ନିୟୁ ଇଣ୍ଡିଆ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ହେଉଥିବା ଦ୍ୱିତୀୟ ମହିମା ବହିମେଳାର ମଙ୍ଗଳବାର ୫ମ ସନ୍ଧ୍ୟାରେ ଓଡ଼ିଶାର ପ୍ରଥମ ସମରକବି ବ୍ରଜନାଥ ବଡ଼ଜେନାଙ୍କର ଜୟନ୍ତୀ ପାଳିତ ହୋଇଥିଲା । ଓଡ଼ିଶା ସାହିତ୍ୟ ଏକାଡେମୀ, ଜିଲା ଲେଖକ ସଂସଦ ଓ ନିୟୁ ଇଣ୍ଡିଆର ମିଳିତ ସହଯୋଗରେ ଆୟୋଜିତ ରାଜ୍ୟସ୍ତରୀୟ ବ୍ରଜନାଥ ବଡ଼ଜେନା ଜୟନ୍ତୀରେ ବିଶିଷ୍ଟ ସାହିତ୍ୟିକ ବାବାଜୀ ଚରଣ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଆ ସାହିତ୍ୟରେ

## ଦ୍ୱିତୀୟ ମହିମା ବହିମେଳାର ୫ମ ସନ୍ଧ୍ୟା

କବି ବ୍ରଜନାଥ ବଡ଼ଜେନା ଜଣେ ଯୁଗସ୍ରଷ୍ଟା ଥିଲେ । ଓଡ଼ିଆ ସାହିତ୍ୟରେ ସମର କାବ୍ୟ ରଚନ କରି ଓଡ଼ିଶାର ପ୍ରଥମ ସମରକବି ଭାବରେ ସୁନାମ ଅର୍ଜନ କରିଥିଲେ ବୋଲି ମତବ୍ୟକ୍ତ କରିଥିଲେ । ସେ ପ୍ରଥମ ଗଦ୍ୟସ୍ରଷ୍ଟା ଭାବରେ 'ଚତୁର ବିନୋଦ' ଭଳି ଅନନ୍ୟ ରଚନା ସୃଷ୍ଟି କରିଥିଲେ। ଅମ୍ବିକା ବିଳାସ, କେଳି କଳାନିଧି, ଜ୍ୟୋତି ବିଳାପ ଆଦି କୃତୀ ତାଙ୍କୁ ସବୁଠି ପରିଚିତ କରାଇଥିବା ସ୍ୱତନ୍ତ୍ର ଅତିଥି ଭାବେ ଡ. ଅର୍ଜୁନ ଚରଣ ମଲ୍ଲିକ, ତପନ କୁମାର ଶତପଥୀ, ମୁଖ୍ୟବକ୍ତା ଭାବେ ଗୁରୁଚରଣ ରାଉତରାୟ ପ୍ରମୁଖ ସମର କବିଙ୍କ ସାରସ୍ୱତ ସାଧନା ଉପରେ ଆଲୋକପାତ କରିଥିଲେ । ଅଧ୍ୟାପିକା ଡ. ପୁଷ୍ପଲତା ରଥଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଲେଖକ ସଂସଦ ସଭାପତି ବସନ୍ତ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ନିୟୁ ଇଣ୍ଡିଆର ସମ୍ପାଦକ ଶେଷଦେବ ରାଉତ ବହିମେଳା ସମ୍ପର୍କରେ ଆଲୋଚନା କରିଥିଲେ । ରାଜ୍ୟ କଳା ସଂସ୍କୃତି ସଂଘର ଉପସଭାପତି ଅବନୀ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଲେଖକ ସଂସଦର ଉପସଭାପତି ବିପିନ ବିହାରୀ ଶତପଥୀ ଧନ୍ୟବାଦ ପ୍ରଦାନ କରିଥିଲେ ।

# ବ୍ରାହ୍ମଣୀ ଦେବୀଙ୍କ ପୀଠରେ ପଣାସଂକ୍ରାନ୍ତି

ଢେଙ୍କାନାଳ,୧୪।୪(ରତନ ନାୟାର)

ଢେଙ୍କାନାଳ ବାଜିଚୌକସ୍ଥିତ ମା ବ୍ରହ୍ମାୟଣୀ ଦେବୀଙ୍କ ପୀଠରେ ପଣାସଂକ୍ରାନ୍ତି ପାଳିତ ହୋଇଛି । ପୂଜକ ସାନ୍ତନୁ ଭାଇନା ଓ ପୁରୋଧା ପ୍ରେମ୍ ଶଙ୍କର ମିଶ୍ରଙ୍କ ଦ୍ୱାରା ଯଜ୍ଞକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ପୂଜକ ରାମଚନ୍ଦ୍ର ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ମହାପାତ୍ର ଓ ମୁଖ୍ୟ ସେବକ ମହାଦେବ ଦେହୁରୀ ନୂତନବସ୍ତ୍ର ପରିଧାନ କରି ପୂଜାକାର୍ଯ୍ୟ ସମାପନ କରିଥିଲେ । ମନ୍ଦିର ପରିଚାଳନା କମିଟି ଓ ବାଜିଚୌକ ଅଞ୍ଚଳବାସୀଙ୍କ ଉପସ୍ଥିତିରେ ସଭାପତି ସଂଗ୍ରାମ କିଶୋର ପାଣି ଓ ସମ୍ପାଦକ ଦେବେନ୍ଦ୍ର ସିଂହ ପ୍ରମୁଖ ପରିଚାଳନା କରିଥିଲେ ।



# ରାସୋଳ ମହୋତ୍ସବ, ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ



ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାକୁ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଉଦ୍‌ଘାଟନ କରୁଛନ୍ତି।

ଢେଙ୍କାନାଳ,୧୪।୪(ରତନ ନାୟାର)

ଓଡ଼ିଆ ପକ୍ଷ ଓ ଓଡ଼ିଆ ନବବର୍ଷ ଅବସରରେ ହିନ୍ଦୋଳ ଉପଖଣ୍ଡସ୍ତରୀୟ ରାସୋଳ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ ହୋଇଯାଇଛି । ମଙ୍ଗଳବାର ପ୍ରଥମ ଦିନରେ ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ହିନ୍ଦୋଳ ବିଧାୟିକା ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷା ସୀମାରାଣୀ ନାୟକ, ବ୍ଲକ ଉପାଧ୍ୟକ୍ଷ ବରୁଣ କୁମାର ସର, ରାସୋଳ ସରପଞ୍ଚ ଦିବାକର ନାଏକ, ବ୍ଲକ ଓ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ମେଳା ୧୪ ରୁ ୧୮ ଏପ୍ରିଲ ପର୍ଯ୍ୟନ୍ତ ରାସୋଳ ହାଟପଡ଼ିଆଠାରେ ଆୟୋଜିତ ହେଉଛି। ମେଳାରେ ମୋଟ ୫୦ଟି ଷ୍ଟଲ୍ କରାଯାଇଛି। ଢେଙ୍କାନାଳ ଜିଲା ସମେତ ଅନ୍ୟ ୧୪ଟି ଜିଲାର ଉତ୍ପାଦକମାନେ ଅଂଶଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ର ଓରମାସ୍, ଜିଲା ପରିଷଦ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ଆୟୋଜିତ ହେଉଛି ।

# ସାଗର ସାହିତ୍ୟ ସଂସଦ ପକ୍ଷରୁ ଓଡ଼ିଆ ନବବର୍ଷ



ଢେଙ୍କାନାଳ,୧୪।୪(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ଗ୍ରାମ ଶନି ମଣ୍ଡପଠାରେ ସାଗର ସାହିତ୍ୟ ସଂସଦ ପକ୍ଷରୁ ଓଡ଼ିଆ ନବବର୍ଷ ମଙ୍ଗଳବାର ପାଳିତ ହୋଇଯାଇଛି । ସଂସଦର ସଭାପତି ଜ୍ୟୋର୍ତିବିଦ ଶ୍ରୀବତ୍ସ କୁମାର ନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ 'ବିଭାବନା'ର ସମ୍ପାଦକ ମାନସ କୁମାର ନନ୍ଦ, ମୁଖ୍ୟବକ୍ତା ଭାବେ ବର୍ଣ୍ଣାଳୀ ସାହିତ୍ୟ ସଂସଦ ସମ୍ପାଦିକା ରତ୍ନପ୍ରଭା ବାଇ ପ୍ରମୁଖ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସଂସଦର ଉପଦେଷ୍ଟା ରଘୁନାଥ ସିଂହ, ସରପଞ୍ଚ ଲଳିତା ସାହୁ, ଓଡ଼ାପଡ଼ା ବ୍ଲକ ଆପ୍ ସଭାପତି ପୀତାମ୍ବର ଦାସ, ଖବରଦାତା ଜ୍ୟୋତିଶଙ୍କର ନାୟକ, ଇନ୍ଦିପୁର ଗ୍ରାମ ବିକାଶ ପରିଷଦର ସମ୍ପାଦକ ଶେଷଦେବ ସାହୁ, ସହ ସମ୍ପାଦକ ଅଜୟ କୁମାର ପୃଷ୍ଟି, ଗାଁ ମୁରବି ଦାମୋଦର ନାୟକ, ସତ୍ୟାନନ୍ଦ ଗାଆଣ, କୁଳମଣି ନାୟକ, ଜଗବନ୍ଧୁ ସାହୁ, ହାଡ଼ିବନ୍ଧୁ ସାହୁ, ଦିଲୀପ ମୁଦୁଲି ଓ ସୁବାସ ସାହୁ ପ୍ରମୁଖ ଓଡ଼ିଆ ନବବର୍ଷ ସମ୍ପର୍କରେ ମତ ଉପସ୍ଥାପନ କରିଥିଲେ। ସଂସଦର ସମ୍ପାଦକ ତ୍ରିଲୋଚନ ମହାରଣା ସ୍ୱାଗତ ଭାଷଣ ଓ କବି ଦୁଃଶାସନ ସାହୁ ସ୍ୱାଗତ ସଂଗୀତ ଗାନ କରିଥିଲେ । କବି ପ୍ରଶାନ୍ତ କୁମାର ସାହୁ, ଧ୍ରୁବ ଚରଣ ରାଉତ, ଛବି ରଞ୍ଜନ ପାଗଡ, ରବିନାରାୟଣ ନାୟକ, ସୁବାସ ନାୟକ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଓଡ଼ିଆ ନବବର୍ଷ ବିଶେଷାଙ୍କ 'ମଧୁ ବିକାଶ'ର ଷଷ୍ଠସଂଖ୍ୟା ଉନ୍ମୋଚନ କରାଯାଇଥିଲା। ସହ ସମ୍ପାଦକ କାମାକ୍ଷା ପ୍ରସାଦ ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ଉପସଭାପତି ହେମନ୍ତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜେଡି ପକ୍ଷରୁ ଆମ୍ବେଡକରଙ୍କ ଜୟନ୍ତୀ

ଢେଙ୍କାନାଳ,୧୪।୪(ରତନ ନାୟାର)



ଢେଙ୍କାନାଳ ଜିଲା ବିଜୁ ଜନତା ଦଳ ପକ୍ଷରୁ ମଙ୍ଗଳବାର ଓଡ଼ିଆ ନବବର୍ଷ ଓ ବି.ଆର୍. ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଛି । ପୂର୍ବତନ ବିଧାୟକ ସୁଧୀର କୁମାର ସାମଲଙ୍କ ନିର୍ଦ୍ଦେଶ କ୍ରମେ ଦଳ ପକ୍ଷରୁ ସକାଳ ୮ଟା ସମୟରେ ଗଣେଶ ବଜାରଠାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଓ ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଡ. ଭୀମରାଓ ଆମ୍ବଡକରଙ୍କ ପ୍ରତିମୂର୍ତ୍ତିରେ ମଲ୍ୟାର୍ପଣ କରାଯାଇଥିଲା। ବିଜେଡି ଯୁବ ନଗର ସଭାପତି ବ୍ରହ୍ମାନନ୍ଦ ସାହୁଙ୍କ ନେତୃତ୍ୱରେ ଜିଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପ୍ରଧାନ, ପୌର ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, ଜିଲା ଉପସଭାପତି ଅଜୟ କୁମାର ଭଞ୍ଜ, ଜିଲା ସଧାରଣ ସମ୍ପାଦକ ବିଶ୍ୱନାଥ ବେହେରା, ମହିଳା କାର୍ଯ୍ୟକାରୀ ସଭାପତି ଶୁଭଲକ୍ଷ୍ମୀ ସାହୁ, ଛାତ୍ର ସଭାପତି ଆରୟାନ ଦାସ, ଟାଉନ ସଭାପତି ବିନୋଦ କୁମାର ମହାନ୍ତି , କାଉନସିଲର ବଂଶୀଧର ଦଲେଇ, ସାଗିର ମହମ୍ମଦ, ଦିପ୍ତୀରଞ୍ଜନ ସେଠୀ, ଛାତ୍ର ବିଜେଡି ସାଧାରଣ ସମ୍ପାଦକ କୁଳଦୀପ ମହାପାତ୍ର, ପୂର୍ବତନ କାଉନସିଲର ଜ୍ଞାନଚାନ୍ଦ ମିଶ୍ର, ଜିଲା ସମ୍ପାଦକ ରଞ୍ଜନ ନାୟକ, ମାନସ ମହାରଣା, ସାଜା ଖାଁ, ସାମାଜିକ ଗଣମାଧ୍ୟମ ସଂଯୋଜକ ଗଙ୍ଗାଧର ରାଉତ, ବିମଳ ନାୟକ, ଆନନ୍ଦ କର, ଜ୍ୟୋସ୍ନାରାଣୀ ମଣ୍ଡଳ, ସାନ୍ତନୁ ବେହେରା, ପ୍ରଭାତ କୁମାର ସାହୁ ଓ ପ୍ରଦୀପ କୁମାର ସାହୁଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ ।

# ଅଗ୍ନିଶମ ବାହିନୀର ସେବା ସପ୍ତାହ

ଭୁବନ, ୧୪।୪ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଅଗ୍ନିଶମ ବାହିନୀ ପକ୍ଷରୁ ମଙ୍ଗଳବାରଠାରୁ ସେବା ସପ୍ତାହ ପାଳନ କରାଯାଇଛି। ଏହି ଅବସରରେ ଅଗ୍ନିଶମ କର୍ମଚାରୀମାନେ କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା କରି ବିଭିନ୍ନ ସ୍ଥାନରେ ଦିବସର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ୧୯୪୫ ଏପ୍ରିଲ ୧୪ ତାରିଖରେ ମୁମ୍ବାଇଠାରେ ଜାହାଜ ବିସ୍ଫୋରଣରେ ଶହୀଦ ହୋଇଥିବା ବୀର ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି। ବିଭିନ୍ନ ଉଚ୍ଚବିଦ୍ୟାଳୟ, ମହାବିଦ୍ୟାଳୟ ଓ ସ୍ୱାସ୍ଥ୍ୟକେନ୍ଦ୍ରରେ ସଚେତନତା କରାଯିବ ବୋଲି କହିଥିଲେ। ବିଶେଷ କରି ଅଗ୍ନି ସୁରକ୍ଷା ପାଇଁ ଛାତ୍ରୀଛାତ୍ରମାନେ ସଚେତନ ହେଲେ ଖରାଦିନେ ଘଟୁଥିବା ଅଗ୍ନି ସମ୍ପର୍କିତ ଦୁର୍ଘଟଣା ରୋକାଯାଇପାରିବ ବୋଲି କହିଥିଲେ। ଏହି ଅବସରରେ ଅଗ୍ନିଶମ କର୍ମଚାରୀମାନେ ଅଞ୍ଚଳବାସୀଙ୍କୁ ନିଆଁଦାଉରୁ ରକ୍ଷାପାଇବା ପାଇଁ ବିଭିନ୍ନ ସଚେତନ କରାଇଥିଲେ। ସଚେତନତା ରାଲିରେ କେନ୍ଦ୍ର ଅଧିକାରୀ ମନୋରଞ୍ଜନ ବିଶ୍ୱାଳଙ୍କ ସମେତ ସମସ୍ତ ଆଗ୍ନିକ ସାମିଲ ହୋଇଥିଲେ।

# ଓଡ଼ାପଡ଼ାରେ ମେରୁଯାତ୍ରା



ଓଡ଼ାପଡ଼ା, ୧୪।୪ (ରଞ୍ଜିତ ନାୟକ)

ଓଡ଼ାପଡ଼ା ବ୍ଲକର ବିଭିନ୍ନ ଅଞ୍ଚଳରେ ମେରୁ ଯାତ୍ରା ଓ ହନୁମାନ ଜୟନ୍ତୀ ଉତ୍ସବ ପାଳିତ ୫୦ ଫୁଟ ଲମ୍ବର ଏକ ଖନ୍ଦା ଖୋଳାଯାଇ ସେଥିରେ କାଠ ନିଆଁ ଲଗାଯାଇଥାଏ। ଖନ୍ଦାର ଉଭୟ ପାର୍ଶ୍ୱରେ ଦୁଇଟି ଗାତ ଖୋଳି ସେଥିରେ ଗୁଡ଼ପଣା ରଖାଯାଇଥାଏ। ବ୍ରତଧାରୀମାନେ ଗୁଡ଼ପଣାରେ ଠିଆ ହୋଇ ସେହିନିଆଁରେ ଚାଲିଥାନ୍ତି। ମାନସିକ ରଖିଥିବା ପିଲାମାନଙ୍କୁ ବ୍ରତଧାରୀମାନେ କାଖେଇ ନିଆଁରେ ଚାଲୁଥିବା ଦେଖିବାକୁ ମିଳିଥାଏ। ତେନ୍ତୁଳିଆପଡ଼ା, ବଣିଆପଡ଼ା, ବାଘୁରସିଂହ, ନୂଆ ଓଡ଼ାପଡ଼ା, ବେଲପଡ଼ା ଆଦି ଗ୍ରାମରେ ଏହି ଉତ୍ସବ ପାଳିତ ହୋଇଯାଇଛି।

# ମିଡିଆ ସେବା ପାଇଁ ଆଇଆଇଏମ୍‌ସି ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ଢେଙ୍କାନାଳ,୧୪।୪(ରତନ ନାୟାର)



ଢେଙ୍କାନାଳ ଭାରତୀୟ ଜନ ସଂଚାର ସଂସ୍ଥାନ (ଆଇଆଇଏମ୍‌ସି)ର ଇଂଲିଶ ଏବଂ ଓଡ଼ିଆ ସାମ୍ବାଦିକତା ବିଭାଗର ଛାତ୍ରୀଛାତ୍ରମାନଙ୍କୁ ଲିନ୍‌ସି ଫାଉଣ୍ଡେଶନ ଓ ସାମାଜିକ ସେବା ସଦନ ପକ୍ଷରୁ ମିଡିଆ ପବ୍ଲିସିଟି ପାଇଁ ସୋମବାର ମହିଷାପାଟସ୍ଥିତ କାର୍ଯ୍ୟାଳୟ ସଭାଗୃହରେ ସମ୍ବର୍ଦ୍ଧିତ କରାଯାଇଛି। ଛାତ୍ରୀଛାତ୍ରମାନେ ହିନ୍ଦୋଳ ବ୍ଲକ ବମ୍ପା ଆଦିବାସୀ ଗ୍ରାମରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କାର୍ଯ୍ୟକ୍ରମରେ ମିଡିଆ ପବ୍ଲିସିଟି କାମ କରିଥିଲେ। କାର୍ଯ୍ୟକ୍ରମରେ ଜନସମ୍ପର୍କ, ପ୍ରେସ ଇସ୍ତାହାର, ନିୟୁଜ ଲେଟର, ଡକ୍ୟୁମେଣ୍ଟେଶନ, ୟୁଟ୍ୟୁବ୍ ଚାନେଲ, ଫଟୋଗ୍ରାଫି ଓ ଭିଡିଓଗ୍ରାଫି କରିଥିଲେ। ଏଥିସହିତ ଆଦିବାସୀମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଲିନ୍‌ସି ଫାଉଣ୍ଡେଶନ ଢେଙ୍କାନାଳର ପ୍ରକଳ୍ପ ନିର୍ଦ୍ଦେଶକ ଇମାନୁଆଲ ପାଥିଲ, ସଂଯୋଜକ ଭେରୋନିକା ଡୁଙ୍ଗଡୁଙ୍ଗ ଛାତ୍ରୀଛାତ୍ରଙ୍କ ପ୍ରସାର ପ୍ରଚାର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଛାତ୍ରୀଛାତ୍ରମାନଙ୍କୁ ପ୍ରମାଣପାତ୍ର ମଧ୍ୟ ଦିଆଯାଇଥିଲା । ଆଇଆଇଏମସି ସହକାରୀ ପ୍ରଫେସର ଡ. ବିରଞ୍ଚି ନାରାୟଣ ସେଠ୍ କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନ କରିଥିଲେ ।

# ଆମ୍ବେଡକର ଓ ବ୍ରଜନାଥଙ୍କ ଜୟନ୍ତୀ ପାଳିତ



ଢେଙ୍କାନାଳ,୧୪।୪(ରତନ ନାୟାର)

ଜିଲା ପ୍ରଶାସନ ଓ ଆମ୍ବେଡକର ମେମୋରିଆଲ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଭାରତରତ୍ନ ଡ. ବି.ଆର ଆମ୍ବେଡକର ଓ ସମରକବି ବ୍ରଜନାଥ ବଡ଼ଜେନାଙ୍କ ଜୟନ୍ତୀ ମଙ୍ଗଳବାର ପାଳିତ ହେଇଯାଇଛି। ପ୍ରଥମେ ବ୍ରଜନାଥ ବଡ଼ଜେନା ଉଚ୍ଚବିଦ୍ୟାଳୟ ପରିସରରେ ଥିବା ପ୍ରତିମୂର୍ତ୍ତିରେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ପୁଷ୍ପମାଲ୍ୟ ଅର୍ପଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବବସରରେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ବୁଦ୍ଧିଜୀବୀ, ଲୋକ ପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

# ପୋଖରୀରେ ପଶି ଅସୁସ୍ଥ ହାତୀର ଗର୍ଜନ

ଢେଙ୍କାନାଳ,୧୪।୪(ରତନ ନାୟାର)



ଢେଙ୍କାନାଳ ଜିଲା ସଦର ଥାନା ଷଡ଼ଙ୍ଗୀ ରେଞ୍ଜ୍ ଲତାଦେଇପୁର ନିକଟରେ ମଙ୍ଗଳବାର ଏକ ମାଈହାତୀ ଅସୁସ୍ଥ ହୋଇ ନିକଟରେ ଥିବା ଏକ ପୋଖରୀରେ ପଶି ଗର୍ଜନ କରୁଥିବାରୁ ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ହାତୀଟି ବେଳେବେଳେ ପୋଖରୀରୁ ବାହାରି ଆସୁଥିବା ବେଳେ ପୁଣି କିଛି ସମୟ ପରେ ପୋଖରୀ ମଧ୍ୟକୁ ପଶି ଯାଉଥିବା ଦେଖାଯାଇଛି । ତା' ପାଟିରେ ଗଭୀର କ୍ଷତ ସୃଷ୍ଟି ହୋଇଥିବା ଅନୁମାନ କରାଯାଉଛି । ଖବର ପାଇବା ପରେ ବନ ବିଭାଗ ପକ୍ଷରୁ ଅସୁସ୍ଥ ହାତୀକୁ ଆଣ୍ଟିବାୟୋଟିକ ଦିଆଯାଇଛି । ହାତୀଟି ଅସୁସ୍ଥ ହେତୁ ଦୁର୍ବଳ ହୋଇପଡ଼ିଥିବା ଜଣାପଡ଼ିଛି। ବନ ବିଭାଗ ପକ୍ଷରୁ ହାତୀପ୍ରତି ଦୃଷ୍ଟି ରଖାଯାଇଥିବା ବେଳେ ଏହି ହାତୀଟି ହିନ୍ଦୋଳ ରେଞ୍ଜ୍ ଅଞ୍ଚଳରୁ ପଳାଇଆସିଥିବା ଜଣାଯାଇଛି । ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର କହିଛନ୍ତି, ହାତୀଟି ଅତ୍ୟଧିକ ଦୁର୍ବଳ ଥିବାରୁ ତା'ର ପ୍ରାଥମିକ ଚିକିତ୍ସା ଆରମ୍ଭ ହୋଇଛି। ଅନ୍ୟ ସ୍ୱାସ୍ଥ୍ୟଗତ ସମସ୍ୟା ସମ୍ପର୍କରେ ଅନୁଧାନ ଚାଲିଛି।

# ଖେମ୍‌କା ପରିବାର ପକ୍ଷରୁ ପଣା ବଣ୍ଟନ



କାମାକ୍ଷାନଗର, ୧୪।୪ (ସୁଧୀର ପରିଡ଼ା)

କାମାକ୍ଷାନଗର ଅଞ୍ଚଳର ପ୍ରତିଷ୍ଠିତ ବ୍ୟବସାୟୀ ଖେମକା ପରିବାର ତରଫରୁ ମଙ୍ଗଳବାର ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ପଥଚାରୀଙ୍କୁ ପଣା ବଣ୍ଟନ କରାଯାଇଥିଲା। ଅନୁଷ୍ଠାନର ଦୀପକ ଖେମକାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱାତୀ ଖେମକା, ରାଜ ଖେମକା, ପୁନମ ଖେମକା, ଆଲୋକ ଖେମକା, ମନିଷା ଅଗ୍ରୱାଲ, କାଜଲ ଖେମ୍‌କା, ଖାରବେଳ ଖେମକା, ଯୁବରାଜ ଖେମକା, ଯୁଗଜ୍ୟୋତି ଖେମକା, ପ୍ରିୟଦର୍ଶିନୀ ଖେମକା, ଶ୍ରିଶା ଖେମକା, ପଞ୍ଚ ଅଗ୍ରୱାଲା, ବାଳଗୋପାଳ ଅଗ୍ରୱାଲ, ଅନୁପମ ମାହେଶ୍ୱରୀ, ସୁମନ୍ତ ଜେନା, କ୍ରିଷ୍ଣା ପରିଜା ପ୍ରମୁଖ ସହଯୋଗ କରିଥିଲେ।

# ଜନ୍ମମାଟିରେ ବ୍ରଜନାଥ ବଡ଼ଜେନାଙ୍କ ଜୟନ୍ତୀ ପାଳିତ



ଗଁଦିଆ,୧୪।୪(ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକର ଜନ୍ମମାଟି କାବେରା ଗ୍ରାମରେ ବ୍ରଜନାଥ ସ୍ମୃତି ସଂସଦ ଓ ବ୍ରଜନାଥ ବଡ଼ଜେନା ଯୁବକ ସଙ୍ଘ ଆନୁକୂଲ୍ୟରେ ବ୍ରଜନାଥ ବଡ଼ଜେନାଙ୍କ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ଗ୍ରାମ ସଭାପତି ବ୍ରହ୍ମାନନ୍ଦ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଲେଖକ ସଂସଦର ସଭାପତି ବସନ୍ତ କୁମାର ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ବିଚାରପତି ଭିକାରୀ ଚରଣ ରାଉତ, ସମ୍ମାନିତ ଅତିଥି ଜିଲା ଲେଖକ ସଂସଦର ସମ୍ପାଦକ ହୃଦାନନ୍ଦ ଦ୍ୱିବେଦୀ, ଅନ୍ୟତମ ସମ୍ମାନିତ ଅତିଥି ଜିଲା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅବସରପ୍ରାପ୍ତ ଅଧ୍ୟକ୍ଷା ଡ. ସୁସନ୍ଧ୍ୟା ମହାନ୍ତି, ଡା. ସଦାନନ୍ଦ ରାଉତ ଓ ବ୍ରଜନାଥ ସ୍ମୃତି ସଂସଦର ସଭାପତି ରବି ନାରାୟଣ ରାଉଳ ଓ ଯୁବକ ସଂଘର ଆବାହକ ମନୋଜ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ପଣ୍ଡିତ ବିପିନ ବିହାରୀ ଶତପଥୀଙ୍କ ଅଧ୍ୟକ୍ଷତାରେ ୫୦ରୁ ଉର୍ଦ୍ଧ୍ୱ ସାରସ୍ୱତ ସାଧକ ସାଧିକା କବିତା ପାଠ କରିଥିଲେ। ସ୍ମୃତି ସଂସଦର ଆବାହିକା ରଶ୍ମିତା ରାଉତ ସ୍ୱାଗତ ଭାଷଣ ଦେଇଥିଲେ। ଯୁବକବି ଦୁର୍ଯ୍ୟୋଧନ ସାହୁଙ୍କୁ 'ବ୍ରଜନାଥ ସାରସ୍ୱତ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଯୁବକ ସଂଘ ସଭାପତି ମନୋଜ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଗ୍ରାମ ସମ୍ପାଦକ ଚନ୍ଦନ ରାଉଳ ଧନ୍ୟବାଦ ଦେଇଥିଲେ।

# ଓଡ଼ିଶାର ସଂସ୍କୃତି ଓ ପରମ୍ପରା ବଜାୟ ରଖିବା ଲକ୍ଷ୍ୟ

## ଟାଟାଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ ଓଡ଼ିଆ ନବବର୍ଷ ପାଳିତ

ଢେଙ୍କାନାଳ,୧୪।୪(ରତନ ନାୟାର)



ଟାଟା ଷ୍ଟିଲ୍ ମେରାମଣ୍ଡଳୀ (ଟିଏସ୍ଏମ୍) ପକ୍ଷରୁ ଓଡ଼ିଆ ନବବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ମଙ୍ଗଳବାର ପାଳିତ ହୋଇଛି। ଏହି ଉପଲକ୍ଷେ ଏକ ଭବ୍ୟ ସାଂସ୍କୃତିକ ଉତ୍ସବର ଆୟୋଜନ କରାଯାଇଥିଲା। ସମାରୋହରେ ଓଡ଼ାପଡ଼ା ବିଡିଓ ଦିଲୀପ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିଶିଷ୍ଟ ସାହିତ୍ୟିକା ଡ. ପୁଷ୍ପଲତା ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଟାଟାଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ କର୍ପୋରେଟ୍ ସର୍ଭିସେସ୍ ଚିଫ୍ ଶୁଭ୍ରାଂଶୁ ଶେଖର ପଣ୍ଡା, ମାନବ ସମ୍ବଳ ବିଭାଗ ମୁଖ୍ୟ ସଚ୍ଚିଦାନନ୍ଦ ରାଉତ, ପ୍ରଶାସନ ବିଭାଗ ମୁଖ୍ୟ ଅନୁଜ ସିଂ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜପଡ଼ା ସରପଞ୍ଚ ଶୈଳେନ୍ଦ୍ରୀ ଅମାନ୍ତ, କୁଶୁପଙ୍ଗା ସରପଞ୍ଚ ଅନିତା ନାୟକ ଓ ମଙ୍ଗଳପୁର ସରପଞ୍ଚ କାନନବାଳା ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଆ ନବବର୍ଷକୁ ସ୍ୱାଗତ କରିବା ସହିତ ଓଡ଼ିଶାର ସମୃଦ୍ଧ ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ, ଲୋକ ସଙ୍ଗୀତ ଓ ସଂକୀର୍ତନ ଆଦି ପାରମ୍ପରିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସ୍ଥାନୀୟ ଛାତ୍ରୀଛାତ୍ର ଏବଂ ଗୋଷ୍ଠୀ ସଦସ୍ୟଙ୍କ ମଧ୍ୟରେ ଝୋଟି, ପିଠା ପ୍ରସ୍ତୁତି, ଚିତ୍ରାଙ୍କନ ଏବଂ ପ୍ରବନ୍ଧ ଲିଖନ ଭଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

**ହନୁମାନ ଜୟନ୍ତୀ ପାଳିତ**

ବଇଣ୍ଡା,(ପରିକ୍ଷିତ ସାହୁ): କିଶୋରନଗର ବ୍ଲକ ବଇଣ୍ଡାର ବୈଷ୍ଣବସାହି, ଶରଧାମୁଣ୍ଡାଠାରେ ଥିବା ହନୁମାନ ମନ୍ଦିରରେ ମଙ୍ଗଳବାର ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। କଳସରେ ପୂଜା ଆରମ୍ଭ ହୋଇଥିଲା। ମନ୍ଦିର କମିଟି ପକ୍ଷରୁ ପ୍ରଭୁ ହନୁମାନଙ୍କ ମନ୍ଦିରକୁ ସୁସଜ୍ଜିତ କରାଯାଇଥିବାବେଳେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ରାଜେଶ ମିଶ୍ର, ଜଗତ ମୋହନ ମିଶ୍ର, ମଦନ ମୋହନ ମିଶ୍ର ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ। ଅଞ୍ଚଳବାସୀ ସହଯୋଗ କରିଥିଲେ।



# ଜଳୁଛି ବିପ୍ରଡିହ ଜଙ୍ଗଲ, ବନ୍ୟଜନ୍ତୁ ଗାଁମୁହାଁ



ବିପ୍ରଡିହ ଜଙ୍ଗଲରେ ଲାଗିଥିବା ନିଆଁ।

ବଇଣ୍ଡା,୧୪।୪(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଧଣ୍ଡାତୋପା ରେଞ୍ଜ ଅଧୀନରେ ଥିବା ବିପ୍ରଡିହ ଜଙ୍ଗଲ କିଛି ଦିନ ହେବ ଜଳୁଛି। ନିଆଁକୁ ଆୟତ୍ତ କରିବାରେ ବନ ବିଭାଗ ବିଫଳ ହୋଇଥିବାରୁ ବହୁସଂଖ୍ୟାରେ ବନ୍ୟଜନ୍ତୁ ଗାଁ ମୁହାଁ ହେଉଛନ୍ତି।

ସୂଚନା ଅନୁଯାୟୀ, ବିପ୍ରଡିହ ଜଙ୍ଗଲରେ ବହୁ ମୂଲ୍ୟବାନ ଗଛ ଥିବାବେଳେ ଏହାଉପରେ କାଠ ଚୋରଙ୍କ ନଜର ପଡ଼ିଛି। ଅନ୍ୟପଟରେ ବର୍ତ୍ତମାନ ମହୁଲ ଫୁଲ ସଂଗ୍ରହ ସମୟ ହୋଇଥିବାରୁ ଏହାକୁ ସଂଗ୍ରହ କରିବା ପାଇଁ ଯାଉଥିବା ଗଦାହୋଇଥିବା ଶୁଖିଲା ପତ୍ରରେ ନିଆଁ ଲଗାଇ ଦେଉଥିବା ସନ୍ଦେହ କରାଯାଉଛି। ପ୍ରବଳ ଖରା ହେଉଥିବାରୁ ନିଆଁ ଅଧିକରୁ ଅଧିକ ଅଞ୍ଚଳକୁ ବ୍ୟାପିଯାଉଛି। ଫଳରେ ଜଙ୍ଗଲରେ ଥିବା ବହୁ ଔଷଧୀୟ ଗଛ ସହିତ କୀଟ ପତଙ୍ଗ ଜଳି ଯାଉଛନ୍ତି। ଜୀବଜନ୍ତୁ ନିକଟସ୍ଥ ଗାଁମୁହାଁ ହୋଇ ଶିକାରୀଙ୍କ ହାବୁଡ଼ରେ ପଡୁଛନ୍ତି। ଏହି ଜଙ୍ଗଲ ନିଆଁକୁ ନେଇ ଆଖପାଖ ଗ୍ରାମବାସୀ ମଧ ଭୟଭୀତ ହୋଇପଡିଛନ୍ତି। ବନ ବିଭାଗ ପକ୍ଷରୁ ଠିକ୍ ଭାବେ ପାଟ୍ରୋଲିଂ କରାଯାଉ ନ ଥିବା ବିପ୍ରଡିହ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଧଣ୍ଡାତୋପା ରେଞ୍ଜର ବବୁବାହାନ ସାହୁ କହିଛନ୍ତି, ଜଙ୍ଗଲ ନିଆଁକୁ ଲିଭାଇବା ପାଇଁ ପଦକ୍ଷେପ ନିଆଯାଉଛି।

# ବଇଣ୍ଡା ଚନ୍ଦନ ଯାତ୍ରା ପାଇଁ ପ୍ରସ୍ତୁତି

ବଇଣ୍ଡା,୧୪।୪(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକର ପ୍ରସିଦ୍ଧ ବଇଣ୍ଡା ଚନ୍ଦନ ଯାତ୍ରା ପାଇଁ ବଇଣ୍ଡା ଗ୍ରାମବାସୀଙ୍କ ପକ୍ଷରୁ ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଯାତ୍ରା କମିଟି ସଭାପତି ବିନୋଦ ସାହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜକୁମାର ଅଗ୍ରୱାଲା, ଲକ୍ଷ୍ମୀଧର ବେହେରା, ଗିରିଶ ଚନ୍ଦ୍ର ବେହେରା, ମାନସ ସାହୁ, ଜଲେଶର ସାହୁ, ଶୁଭେନ୍ଦୁ ମୋହନ ସାହୁ, ସରୋଜ କୁମାର ସାହୁ, ବିକ୍ରମ ସାହୁ, ପାପୁନ ମହାପାତ୍ର, ଉଗ୍ରସେନ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ମେ ୭ ତାରିଖ ଗୁରୁବାର ଏହି ଯାତ୍ରା ଅନୁଷ୍ଠିତ ହେବାକୁ ଥିବାବେଳେ କିପରି ଧୁମଧାମରେ ପାଳନ ହେବ ସେ ନେଇ ଆଲୋଚନା କରାଯାଇଥିଲା। ଏଥିରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।

# ବିଭିନ୍ନ ଗ୍ରାମରେ ମେରୁଯାତ୍ରା

ବଇଣ୍ଡା,୧୪।୪(ପରିକ୍ଷିତ ସାହୁ)



ମା' ମାହେଶ୍ୱରୀଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

କିଶୋରନଗର ବ୍ଲକ ଗାଁବଇଣ୍ଡା ପଞ୍ଚାୟତର ବଡ଼ଝୁଲା ଓ ଗାଁ ବଇଣ୍ଡାରେ ମଙ୍ଗଳବାର ମେରୁଯାତ୍ରା ପାଳିତ ହୋଇଯାଇଛି। ଦୀର୍ଘ ୨୧ ଦିନ ଧରି ବିଭିନ୍ନ ଗ୍ରାମରେ ଦଣ୍ଡଯାତ୍ରା କରି ମଙ୍ଗଳବାର ନିଜ ଅଞ୍ଚଳକୁ ଦଣ୍ଡୁଆମାନେ ଫେରିବା ପରେ ଦଣ୍ଡଯାତ୍ରା ଉଦ୍ଯାପିତ ହୋଇଥିଲା। ଅପରାହ୍ନରେ ଗ୍ରାମରେ ପାଣି ଦଣ୍ଡ କରାଯାଇଥିବା ବେଳେ ନିକଟସ୍ଥ ପୋଖରୀରେ ବାଲୁଙ୍କା ପୂଜା କରାଯାଇଥିଲା। ପରେ ମା' ମାହେଶ୍ୱରୀଙ୍କୁ ଶୋଭାଯାତ୍ରା ମାଧ୍ୟମରେ କାଳୀ ମନ୍ଦିର ନିକଟକୁ ନିଆଯିବା ପରେ ମେରୁଯାତ୍ରା ଆରମ୍ଭ ହୋଇଥିଲା। କାଳୀ ମନ୍ଦିରର ପୂଜକ ଅର୍ଜୁନ ଶଙ୍ଖାରୀ ମା'ଙ୍କୁ ପୂଜା କରିବା ପରେ ଜଣେ ମାନସିକଧାରୀ ଭକ୍ତଙ୍କ ଠାରେ କାଳିଶି ଆବିର୍ଭାବ ହୋଇଥିଲେ। ମାନସିକ ପାଇଁ ଅଧିଆ ପଡିଥିବା ଭକ୍ତଙ୍କୁ ଉଠାଇ ମନସ୍କାମନା ପୂର୍ଣ୍ଣ ନେଇ ଆଶୀର୍ବାଦ ଦେଇଥିଲେ। ଏଥିସହ ଦଣ୍ଡଯାତ୍ରା ଉଦ୍ଯାପିତ ହୋଇଥିଲା। ଭକ୍ତମାନଙ୍କୁ ପଣା ବଣ୍ଟନ କରାଯାଇଥିବାବେଳେ ଭୀଷ୍ମ ଦେହୁରୀ, ସର୍ବେଶ୍ୱର ମହାପାତ୍ର, କୁଞ୍ଜ ବିହାରୀ ଦେହୁରୀ, ସୁଦାମ ଚରଣ ପ୍ରଧାନ, ରମେଶ ଚନ୍ଦ୍ର ପ୍ରଧାନଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ। ବଇଣ୍ଡା ଫାଣ୍ଡି ପୋଲିସ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲା।

# ଆମ୍ବେଡକରଙ୍କ ଜୀବନୀ ଉପରେ ଆଲୋକପାତ

ଆଠମଲ୍ଲିକ,୧୪।୪(ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକର ବିଭିନ୍ନ ଅନୁଷ୍ଠାନ ଓ ସଙ୍ଗଠନ ପକ୍ଷରୁ ବାବା ସାହେବ ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ନଗର କଂଗ୍ରେସ ସଭାପତି କମଳାକାନ୍ତ ପ୍ରଧାନଙ୍କ ନେତୃତ୍ୱରେ କଂଗ୍ରେସ ସମର୍ଥକମାନେ ଆମ୍ବେଡକର ଛକସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଶିଶୁମାନଙ୍କୁ ବିସ୍କୁଟ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ରାମାନନ୍ଦ ପାଣିଗ୍ରାହୀ, ସରୋଜ ମହାକୁଡ଼, ଅନିଲ ପାଣିଗ୍ରାହୀ, ସ୍ୱଦେଶ ରଥ, ଲାଲିଆ ନାଏକଙ୍କ ସମେତ କଂଗ୍ରେସ ସମର୍ଥକମାନେ ଉପସ୍ଥିତ ଥିଲେ। ସେହିପରି ମାଧପୁରରେ ଆମ୍ବେଦକର ଫାଉଣ୍ଡେଶନ ତରଫରୁ ପ୍ରଗତି ସଭାଗୃହରେ ଆମ୍ବେଡକରଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ଆମ୍ବେଦକର ଫାଉଣ୍ଡେଶନ ଉପସଭାପତି ଦୁଃଖିଶ୍ୟାମ ବେହେରା ସଭାପତିତ୍ୱ କରିଥିଲେ। ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିମଳ ବିହାରୀ ରଣଭେଇଁସା ମୁଖ୍ୟ ଅତିଥି, ନୂଆଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିକ୍ରମ ରଣଭେଇଁସା ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ବନକର୍ମଚାରୀ ଗଜେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ଆମ୍ବେଡକରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସମ୍ପାଦକ ପ୍ରଣବ ମହାନନ୍ଦିଆ, ସହ ସମ୍ପାଦକ ବିଜୟ କୁମାର କୁମ୍ଭାର ସହଯୋଗ କରିଥିବାବେଳେ ବିନୋଦ ବାଦୀ ସଂଯୋଜନା କରିଥିଲେ। ବରିଷ୍ଠ ନାଗରିକ ଝାଣ୍ଟୁରାମ ବେହେରା, କୃଷ୍ଣଚନ୍ଦ୍ର ବେହେରା, ରାଜ ରଣଭେଇଁସାଙ୍କ ସମେତ ବହୁ ସଭ୍ୟ ସହଯୋଗ କରିଥିଲେ।

# କଂଗ୍ରେସ ପକ୍ଷରୁ ଆମ୍ବେଡକରଙ୍କ ଜୟନ୍ତୀ



ଅନୁଗୋଳ,୧୪।୪(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ଜିଲା କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳବାର ଜିଲା ସଭାପତି ସୁନୀଲ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ବାବା ସାହେବ ଆମ୍ବେଡକରଙ୍କ ଜୟନ୍ତୀ ଓ ଓଡ଼ିଆ ନବବର୍ଷ କଂଗ୍ରେସ ଭବନଠାରେ ପାଳନ କରାଯାଇଛି। ସମସ୍ତଙ୍କୁ ନବବର୍ଷର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଯିବା ସହ ବାବା ସାହେବଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ଉମେଶ ଚନ୍ଦ୍ର ସାହୁ, ତପନ ପ୍ରଧାନ, ଏଲ୍. ମାଣିକପ୍ରଭା, ନୀଳକଣ୍ଠ ନାଏକ, ଗୋପାଳ ଚନ୍ଦ୍ର ନାଥ, ସନ୍ତୋଷ ପଟ୍ଟନାୟକ, ସହଦେବ ବେହେରା, ବିରଞ୍ଚି ନାରାୟଣ ଧର, ବଳବୀର ସିଂହ, ରାକେଶ ମିଶ୍ର, ବିନୋଦ ମାଝୀ, ସୌମେନ୍ଦ୍ର ଦେହୁରୀ, ସଂଗ୍ରାମ କେଶରୀ କୁଅଁର, ସୁଦୀପ ମିଶ୍ର, ରଶ୍ମି ରଞ୍ଜନ ସାହୁ, ଅଳକାରାଣୀ ମହାପାତ୍ର, ନିରଞ୍ଜନ ଦାସ, ସଂଗ୍ରାମ ବେହେରା, ଅରୂପ ସାମଲ, ଅଶୋକ ନାଏକ, ଜଗନ୍ନାଥ ବେହେରା, ଲକ୍ଷ୍ମୀଧର ପୃଷ୍ଟି, ମାନିନୀ ପ୍ରଧାନ, ସଂଗ୍ରାମ ସାହୁ, ଅବିନାଶ ଦଳବେହେରା, ଅରୁଣ ଦାସ ପ୍ରମୁଖ ଶତାଧିକ ନେତା ଉପସ୍ଥିତ ଥିଲେ। ପରେ ସମସ୍ତ ନେତା ଓ କର୍ମୀ ଆମ୍ବେଦକର ଭବନକୁ ଯାଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

# ଅନୁଗୋଳ ବ୍ଲକ କଂଗ୍ରେସ କମିଟି ଗଠନ

ଅନୁଗୋଳ,୧୪।୪ (ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ଜିଲା କଂଗ୍ରେସ କମିଟି ସଭାପତି ସୁନୀଲ କୁମାର ପ୍ରଧାନଙ୍କ ଅନୁମୋଦନ କ୍ରମେ ବ୍ଲକ କଂଗ୍ରେସ କମିଟି ଗଠନ କରାଯାଇଛି। ରାକେଶ ମିଶ୍ର ସଭାପତି ହୋଇଥିବାବେଳେ ଉପସଭାପତି ଭାବେ ସୌଭାଗ୍ୟ ବିଶ୍ୱାଳ ଓ ଦିନେଶ କୁମାର ତ୍ରିପାଠୀ, ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ସାହୁ, ବଟକୃଷ୍ଣ ସାହୁ, ରାଜୀବ ମହାଲିକ, ଆଲୋକ ରୋଜାଲିନ ଦେହୁରୀ, ବିଶ୍ୱନାଥ ଦାଶ, ଅନୁପମା ଦେହୁରୀ, ସୌମ୍ୟରଞ୍ଜନ ବେହେରା, ସଂଗ୍ରାମ କେଶରୀ ପ୍ରଧାନ, ଅନୁକୂଳ ଦାସ, ସମ୍ପାଦକ ଭାବେ ପୀତବାସ ସାହୁ, ଚନ୍ଦ୍ରକାନ୍ତ ପ୍ରଧାନ, ବିଶ୍ୱଜିତ ଦେହୁରୀ, ସୁଶୀଲ କୁମାର ପୃଷ୍ଟି, ସୌମ୍ୟ ରଞ୍ଜନ ସାହୁ, ସୁଦର୍ଶନ ନାଏକ, ବନ୍ଦେଶ ମହାରଣା, ଦୁଷ୍ମନ୍ତ କୁମାର ଦେହୁରୀ, ଉପେନ୍ଦ୍ର ଦେହୁରୀ ଓ କୋଷାଧ୍ୟକ୍ଷ ଭାବେ ସ୍ୱାଧୀନ ଦେହୁରୀଙ୍କୁ ନିଯୁକ୍ତି ଦିଆଯାଇଛି। ଏତଦ୍‌ବ୍ୟତୀତ ୧୩ଜଣଙ୍କୁ କାର୍ଯ୍ୟ ନିର୍ବାହୀ ସଦସ୍ୟ ଭାବେ ମନୋନୀତ କରାଯାଇଛି। ସମସ୍ତ କର୍ମକର୍ତ୍ତା ଆଗାମୀ ଦିନରେ କଂଗ୍ରେସ ଦଳକୁ ସୁସଙ୍ଗଠିତ ଭାବେ ଆଗକୁ ନେବାରେ ନିଷ୍ଠାର ସହ ଦାୟିତ୍ୱ ତୁଲାଇବାକୁ ପରାମର୍ଶ ଦିଆଯାଇଛି ବୋଲି ପ୍ରେସ୍ ବିବୃତିରେ ଜିଲ୍ଲା କଂଗ୍ରେସ ମୁଖପାତ୍ର ଗୋପାଳ ଚନ୍ଦ୍ର ନାଥ ଜଣାଇଛନ୍ତି।

# ରଘୁନାଥ ମନ୍ଦିରରେ ହନୁମାନ ଚାଳିଶା ପଠନ

ଆଠମଲ୍ଲିକ,୧୪।୪(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ସହର ପୋଲିସ ବନ୍ଧ ନିକଟସ୍ଥ ରଘୁନାଥ ମନ୍ଦିର ପରିସରରେ ପବିତ୍ର ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ହୋମଯଜ୍ଞ ସହିତ ହନୁମାନ ଚାଳିଶା ପାଠ କରାଯାଇଥିଲା। ପଣ୍ଡିତ ଭାବେ ରାଧାମୋହନ ତ୍ରିପାଠୀ, ଅକ୍ଷୟ ମିଶ୍ର, ଜୟ ନାରାୟଣ ମିଶ୍ର, ଉମାପ୍ରସାଦ ନନ୍ଦ, ଅମିୟ କୁମାର ତ୍ରିପାଠୀ ପ୍ରମୁଖ ହନୁମାନ ଚାଳିଶା ପଠନ କରିଥିଲେ। ମନ୍ଦିର ସମ୍ମୁଖ ଯଜ୍ଞ ମଣ୍ଡପରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ବହୁ ଶ୍ରଦ୍ଧାଳୁ ମନ୍ଦିରକୁ ଆସି ପ୍ରଭୁ ଶ୍ରୀରାମ, ମାତା ସୀତା, ଭ୍ରାତା ଲକ୍ଷ୍ମଣ ଓ ଶ୍ରୀ ହନୁମାନ ଜୀଉଙ୍କୁ ଦର୍ଶନ କରି କୃପା ଭିକ୍ଷା କରିଥିଲେ। ସେହିପରି ବସ୍‌ଷ୍ଟାଣ୍ଡସ୍ଥିତ ହନୁମାନ ମନ୍ଦିରରେ ହୋମଯଜ୍ଞ ସହିତ ହନୁମାନ ଚାଳିଶା ପାଠ କରାଯାଇଥିଲା।

# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବୁଦ୍ଧିଜୀବୀ ସମ୍ମିଳନୀ





ବୁଦ୍ଧିଜୀବୀ ସମ୍ମିଳନୀରେ ମଞ୍ଚାସୀନ ଅତିଥିମାନେ।

ଅନୁଗୋଳ,୧୪।୪(ଜ୍ୟୋତିରଞ୍ଜନ ସାହୁ)

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତବାର୍ଷିକୀ ଉପଲକ୍ଷେ ଅନୁଗୋଳ ନଗର ତରଫରୁ ଏକ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଭାଘରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଶାସକ ବିଜନ କୁମାର ଥନ୍ଧ ସଭାପତିତ୍ୱ କରିଥିଲେ। ଅନୁଗୋଳ ସରସ୍ୱତୀ ଶିଶୁ ମନ୍ଦିରର ଅଧ୍ୟକ୍ଷ ସିଦ୍ଧନାଥ ସାହୁ ସଭା ପରିଚାଳନା କରିଥିଲେ। ମୁଖ୍ୟବକ୍ତା ଭାବେ ଅଖିଳ ଭାରତୀୟ ସଦ୍‌ଭାବନା ପ୍ରମୁଖ ଗୋପାଳ ପ୍ରସାଦ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଜିଲା ସଂଘଚାଳକ ବିଜୟ କୁମାର ସାହୁ ଏବଂ ନଗର ସଂଘଚାଳକ ଶ୍ରୀଗୋପାଳ ମୁନ୍ଦ୍ରା ଯୋଗଦେଇଥିଲେ। ସଭାପତି ଥନ୍ଧ ଦେଶ ସ୍ୱାଧୀନତା ପରେ ୫୬୨ ଗଡ଼ଜାତର ମିଶ୍ରଣରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପ୍ରମୁଖ ଭୂମିକା ଓ ଅନ୍ୟାନ୍ୟ ଅଗ୍ରଗତି ଉପରେ ଆଲୋକପାତ କରିଥିଲେ। ପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନଗରର ସାମାଜିକ କର୍ମୀ, ଡାକ୍ତର, ଇଞ୍ଜିନିୟର, ଓକିଲ, ଖବରଦାତା, ଶ୍ରମିକ ନେତା, ପ୍ରଶାସକ, ବ୍ୟବସାୟୀ, ଶିକ୍ଷାବିତ୍ ପ୍ରମୁଖ ଯୋଗ ଦେଇଥିଲେ। ତରଣୀସେନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଚନ୍ଦ୍ର ଶେଖର ବେହେରା, ଚିନ୍ମୟ ରଥ, ବେଣୁଧର ଥନ୍ଧ, ନାରାୟଣ ନାୟକ, ଅଶୋକ ମୋଦି, ବିଷ୍ଣୁ ତୁଳସୀୟନ, ପ୍ରସନ୍ନ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ସମର୍ଥନ ଆହ୍ୱାନ

ଅନୁଗୋଳ,୧୪।୪(ଜ୍ୟୋତିରଞ୍ଜନ ସାହୁ)



ଖବରଦାତା ସମ୍ମିଳନୀରେ ହିନ୍ଦୋଳ ବିଧାୟିକାଙ୍କ ସହ ଅନ୍ୟମାନେ।

'ନାରୀ ଶକ୍ତି ବନ୍ଦନ ଅଧିନିୟମ' କେବଳ ଦେଶର ନାରୀମାନଙ୍କୁ ୨୦୨୯ ମସିହାରେ ସଂସଦ ଓ ବିଧାନସଭାରେ ଏକତୃତୀୟାଂଶ ସଂରକ୍ଷଣ ଦେବାରେ ସୀମିତ ରହିବ ନାହିଁ, ବରଂ ୨୦୪୭ ମସିହାରେ ବିକଶିତ ଭାରତ ଗଢ଼ିବାରେ ଏହା ଏକ ମୂଳ ଆଧାରଶୀଳା ଭାବେ କାମ କରିବ। ମହିଳା ଭାଜପା ପକ୍ଷରୁ ମଙ୍ଗଳବାର ଅନୁଗୋଳରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏହା କୁହାଯିବା ସହ ନାରୀ ସଶକ୍ତୀକରଣର ଗୁରୁତ୍ୱ ଉଲ୍ଲେଖ କରି ଏହି ଅଧିନିୟମକୁ ଜନସମର୍ଥନ ଦେବାକୁ ଆହ୍ୱାନ ଦିଆଯାଇଛି। ଏହି ସମ୍ମିଳନୀରେ ଉପସ୍ଥିତ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର ଓ ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା ଶୁଚିସ୍ମିତା ତ୍ରିପାଠୀ ଉପସ୍ଥିତ ଥିଲେ। ଏହି ଅବସରରେ ଭାଜପା ନେତ୍ରୀମାନେ କହିଥିଲେ, ଏହି ଅଧିନିୟମକୁ ସମର୍ଥନ ଜଣାଇବା ପାଇଁ ୯୬୬୭୧୭୩୩୩୩ ନମ୍ବରରେ ମିସ୍ଡ କଲ୍ ଦେବାକୁ ଆହ୍ୱାନ କରାଯିବା ସହ ପଦଯାତ୍ରା, ସ୍କୁଟି ଶୋଭାଯାତ୍ରା ଓ ବିଭିନ୍ନ ସଭା ମାଧ୍ୟମରେ ନାରୀଶକ୍ତିର ବିଜୟକୁ ଆହୁରି ସ୍ମରଣୀୟ କରିବା ପାଇଁ ଜିଲାବ୍ୟାପୀ କାର୍ଯ୍ୟକ୍ରମ ଆୟୋଜନ କରାଯିବ।

# ଆଠମଲ୍ଲିକ ପୋଲିସ ତରଫରୁ ଜଳଛତ୍ର

ଆଠମଲ୍ଲିକ,୧୪।୪(ଉଦୀପ୍ତ ପୁରୋହିତ)

ପବିତ୍ର ମହାବିଷୁବ ସଂକ୍ରାନ୍ତିରେ ଆଠମଲ୍ଲିକ ଥାନା ତରଫରୁ ସମ୍ମୁଖ ଭାଗରେ ଏକ ଜଳଛତ୍ରର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଏସ୍‌ଡିପିଓ ସୁଶାନ୍ତ କୁମାର ତାଡ଼ିଆ, ଆଇଆଇସି ସନ୍ତୋଷ କୁମାର ସେଠୀ, ଅତିରିକ୍ତ ଆଇଆଇସି ବିକାଶ କୁମାର ସାମଲ, ଏଏସ୍‌ଆଇ ମନୋଜ କୁମାର ସାହୁ, ଏଏସ୍‌ଆଇ ମିଥୁନ ମଲ୍ଲିକ, ଏଏସ୍‌ଆଇ ନେପାଳ ପଟାଙ୍କ ସମେତ ଥାନା କର୍ମଚାରୀ ଶିଶିର ବେହେରା ବିଦ୍ୟୁତ୍ ପ୍ରଧାନ, ପ୍ରଦ୍ୟୁମ୍ନ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ତୃଷାର୍ତ୍ତଙ୍କୁ ଜଳ ଦାନରେ ସହଯୋଗ କରିଥିଲେ।





ଆଠମଲ୍ଲିକ ପୋଲିସ ପକ୍ଷରୁ ଜଳ ବଣ୍ଟନ କରାଯାଉଛି।

# ସିଏମ୍ ଟ୍ରଫି ଫୁଟ୍‌ବଲ: ଅଷ୍ଟକିଳା କ୍ଲବ ବିଜୟୀ

ଅନୁଗୋଳ,୧୪।୪(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ପିଟିସି ପଡ଼ିଆରେ ଚାଲିଥିବା ୧୫ ବର୍ଷରୁ କମ୍ ସିଏମ୍ ଟ୍ରଫି ଫୁଟବଲ ପ୍ରତିଯୋଗିତାର ୫ମ ଦିବସରେ ୨ଟି ମ୍ୟାଚ ଖେଳାଯାଇଥିଲା। ପ୍ରଥମ ମ୍ୟାଚ ବାଳକ ବିଭାଗରେ ଅଷ୍ଟକିଳା କ୍ଲବ ଆଠମଲ୍ଲିକ ଓ ତାଳଚେର ମଧ୍ୟରେ ଖେଳାଯାଇଥିଲା। ଏଥିରେ ଅଷ୍ଟକିଳା ୩-୧ ଗୋଲରେ ତାଳଚେରକୁ ହରାଇଥିଲା। ସେହିଭଳି ଅପରାହ୍ନରେ ବାଳିକା ବିଭାଗରେ ଅଷ୍ଟକିଳା ୯-୦ ଗୋଲରେ ବନ୍ତଲାକୁ ପରାସ୍ତ କରିଥିଲା। ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ଡ. ଗୌରଗୋବିନ୍ଦ ସାମନ୍ତ, ଅବସରପ୍ରାପ୍ତ ଜାତୀୟ ରେଫରି ବସନ୍ତ ଦାସ, କ୍ରୀଡ଼ା ସଂସଦ ସଦସ୍ୟ ରୁଚିର ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

# ଧାରଣାସ୍ଥଳରୁ ୨ଜଣଙ୍କୁ ଗିରଫ କଲା ପୋଲିସ

ଛେଣ୍ଡିପଦା,୧୪।୪ (ଅଜିତ ଧଳ)

ଛେଣ୍ଡିପଦା-ଅନୁଗୋଳ ୬୩ନଂ. ରାଜ୍ୟ ରାଜପଥର କୋଶଳା ଗାଁ ମଧ ଦେଇ ଟ୍ରକ୍ ଯୋଗେ କୋଇଲା ପରିବହନକୁ ବିରୋଧ କରି ଗତ ମାର୍ଚ୍ଚ ୫ ତାରିଖରୁ ଗ୍ରାମବାସୀ ଗଣଧାରଣା ଦେଇଥିବାବେଳେ ମଙ୍ଗଳବାର ଛେଣ୍ଡିପଦା ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଦ୍ୱୟ ହେଲେ କୋଶଳା ଚନ୍ଦନନଗର ଗ୍ରାମର ସୁନୀଲ ବେହେରା ଓ ଗଗନ ବେହେରା। ସୂଚନା ଅନୁଯାୟୀ, ଗତ ୧୦ ତାରିଖ ରାତିରେ ଗ୍ରାମବାସୀ କୋଇଲା ଟ୍ରକ୍‌ଗୁଡିକୁ ଫେରାଇ ଦେଇଥିଲେ। ଏ ନେଇ ଗତ ୧୧ ତାରିଖ ଦିନ ଛେଣ୍ଡିପଦା ଟ୍ରକ୍ ମାଲିକ ସଂଘ ସଭାପତି ମହେଶ୍ୱର ବେହେରା ଥାନାରେ ଏତଲା ଦେଇଥିଲେ। କୋଶଳା ଗ୍ରାମର ୬ ଜଣ ଯୁବକଙ୍କ ଶତାଧିକ ମହିଳା ପୁରୁଷ ଟ୍ରକ ଅଟକାଇ ଚାନ୍ଦା ମାଗିବା ସହ ମାରଣାସ୍ତ୍ର ଧରି ଧମକ ଦେଇଥିବା ଅଭିଯୋଗରେ ଉଲ୍ଲେଖ କରିଥିଲେ। ପୋଲିସ ନଂ. ୧୬୧/୨୬ରେ ମାମଲା ରୁଜୁ କରି ସୁନୀଲ ଓ ଗଗନଙ୍କୁ ଗିରଫ କରିଥିଲା। ସୂଚନାଯୋଗ୍ୟ କିଛିଦିନ ପୂର୍ବରୁ ପୋଲିସ ସିଦ୍ଧାର୍ଥ ଶଙ୍କର ସାହୁ, ଚିତ୍ତରଞ୍ଜନ ସାହୁ ଓ କମାର ପ୍ରଧାନଙ୍କୁ ଗିରଫ କରିଥିଲା।

# ବିଜେଡି ପକ୍ଷରୁ ଆମ୍ବେଡକର ଭବନରେ ମାଲ୍ୟାର୍ପଣ



ଅନୁଗୋଳ,୧୪।୪(ଜ୍ୟୋତିରଞ୍ଜନ ସାହୁ)

ଆମ୍ବେଡକରଙ୍କ ଜୟନ୍ତୀ ଅବସରରେ ଅନୁଗୋଳ ସହରସ୍ଥିତ ଆମ୍ବେଡକର ଭବନଠାରେ ଅନୁଗୋଳ ନଗର ବିଜେଡି ପକ୍ଷରୁ ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଯୁବ ବିଜେଡି ନେତା ଅରୁଣାଭ ସିଂହଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କାଉନସିଲର ସଦାନନ୍ଦ ପଣ୍ଡା, କାଉନସିଲର ରଞ୍ଜିତ ମାଣ୍ଡୋଠିଆ, ଜିଲା ବିଜେଡି ସମ୍ପାଦକ ଅଜିତ ଦ୍ୱିବେଦୀ, ନଗର ଯୁବ ବିଜେଡି ସଭାପତି ବିଶ୍ୱରଞ୍ଜନ ସାହୁ ଓ ଗୌର ନାଏକଙ୍କ ସହିତ ଅନ୍ୟ କର୍ମୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଉପସ୍ଥିତ ନେତାମାନେ ଡ. ଆମ୍ବେଡକରଙ୍କ ଆଦର୍ଶ ଓ ସମାଜ ପାଇଁ ତାଙ୍କ ଅବଦାନକୁ ସ୍ମରଣ କରିଥିଲେ।

# ୧୧ ବର୍ଷ ଧରି ବନ୍ଦ ଥିବା ମ୍ୟାଙ୍ଗୋ ହବ୍ କାର୍ଯ୍ୟକ୍ଷମ

**୧୫ ବର୍ଷ ପାଇଁ ସରକାରଙ୍କ ସହ ଚୁକ୍ତିନାମା**

ଢେଙ୍କାନାଳ,୧୪।୪(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ ୫୫ନଂ. ଜାତୀୟ ରାଜପଥର ଗୋବିନ୍ଦପୁର ନିକଟରେ ଥିବା ମ୍ୟାଙ୍ଗୋ ହବ୍ ସରକାର ଓ ଘରୋଇ ସହଭାଗିତାରେ କାର୍ଯ୍ୟକ୍ଷମ ହୋଇଛି। ଏହାକୁ ଚଲାଇବା ପାଇଁ ଭୁବନେଶ୍ୱରର କୋଲ୍ଡଚେନ୍ ସଲ୍ୟୁଶନ ସଂସ୍ଥା ୧୫ବର୍ଷ ପାଇଁ ସରକାରଙ୍କ ସହ ଚୁକ୍ତି କରିଥିବା ଜଣାପଡ଼ିଛି। ଢେଙ୍କାନାଳରେ ଆମ୍ବ ଚାଷୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ୨୦୧୧ରେ ଗୋବିନ୍ଦପୁରଠାରେ ୧୧କୋଟି ଟଙ୍କା ବ୍ୟୟରେ ମ୍ୟାଙ୍ଗୋ ହବ୍ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ପରେ ୨୦୧୩ରେ ଏଠାରେ ଫଳ ପନିପରିବା ସଂରକ୍ଷଣ ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ପରିଚାଳନାଗତ ତ୍ରୁଟି ପାଇଁ ୨୦୧୫ରୁ ସମ୍ପୂର୍ଣ୍ଣ ବନ୍ଦହୋଇ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଥିଲା। ଫଳରେ ଜିଲାର ଚାଷୀମାନେ ସେମାନଙ୍କର ଉତ୍ପାଦିତ ଫସଲ ଓ ଫଳମୂଳ ସଂରକ୍ଷଣ କରି ରଖିବାରେ ବହୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଏହି ମ୍ୟାଙ୍ଗୋ ହବ୍ ତଥା ଇଣ୍ଟିଗ୍ରେଟେଡ୍ ପ୍ୟାକ୍ ହାଉସକୁ ଚଳାଇବା ପାଇଁ ଭୁବନେଶ୍ୱରର କୋଲ୍ଡଚେନ ସଲ୍ୟୁଶନ ସଂସ୍ଥା ୧୫ବର୍ଷ ପାଇଁ ସରକାରଙ୍କ ସହ ଚୁକ୍ତିନାମା କରିଥିବା ଜଣାପଡିଛି।



ଗୋବିନ୍ଦପୁରଠାରେ ଥିବା ମ୍ୟାଙ୍ଗୋ ହବ୍।

୫୦୦ମେଟ୍ରିକ ଟନ୍ ଫଳ ଓ ପନିପରିବା ଏଠାରେ ସଂରକ୍ଷିତ ରହିବା ପାଇଁ ବ୍ୟବସ୍ଥା ରହିଛି। ସେଥିପାଇଁ ଦୁଇଟି କୋଲ୍ଡଷ୍ଟୋର, ୨ଟି ପ୍ରିକୁଲିଙ୍ଗ୍ ରୁମ ସହିତ ପ୍ରାକୃତିକ ଉପାୟରେ ଫଳ ପାଚିବା ପାଇଁ ସ୍ୱତନ୍ତ୍ର ରାଇପେନିଙ୍ଗ୍ ଚାମ୍ବର ମଧ ରହିଛି। ଏଥିସହିତ କୃଷି ଉତ୍ପାଦନ ସଂସ୍ଥା ଓ ଚାଷୀମାନଙ୍କୁ ନେଇ ଏଠାରେ ପ୍ରଶିକ୍ଷଣ ଶିବିର ସହ ବେଡିଂ, ସର୍ଟିଂ ଓ ପ୍ୟାକିଂ ବାବଦରେ ତାଲିମ ପ୍ରଦାନ କରାଯିବ। ଏ ସଂକ୍ରାନ୍ତରେ କୋଲ୍ଡଚେନ୍ ସଲ୍ୟୁଶନ ପକ୍ଷରୁ ଦେବ କୁମାର ପାତ୍ର କହିଛନ୍ତି, ଆମେ ଏହାକୁ ପରିଚାଳନା ପାଇଁ ନେବା ବେଳେ ପରିତ୍ୟକ୍ତ ଅବସ୍ଥାରେ ଥିଲା। ପାଣି ଟାଙ୍କି ମଧ୍ୟ ନ ଥିଲା। ସବୁଗୁଡ଼ିକୁ ଆମେ ମରାମତି କରି କାର୍ଯ୍ୟ ଆରମ୍ଭ କରିଛୁ। ଚଳିତବର୍ଷ ଆମ୍ବକୁ କିପରି ମାର୍କେଟ୍ ଲିଙ୍କେଜ୍ କରିବୁ, ତାର ପ୍ରୟାସ କରାଯିବ। ଓଡ଼ିଶାର ଅନ୍ୟାନ୍ୟ ଉତ୍ପାଦକୁ ଅନ୍ୟ ରାଜ୍ୟକୁ କିପରି ପଠାଯିବ ସେନେଇ ମଧ ଉଦ୍ୟମ କରାଯିବ ବୋଲି ସେ ଗଣମାଧ୍ୟମକୁ କହିଛନ୍ତି। ଜିଲା ଉଦ୍ୟାନ କୃଷି ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସ୍ମରଣିକା ଦାସ କହିଛନ୍ତି, ଆମ ପାଇଁ ଏହା ଖୁସି ଖବର। ଢେଙ୍କାନାଳର ଫ୍ରୁଟ୍ସ ଓ ଭେଜିଟେବୁଲ ମାର୍କେଟିଂ ସଂସ୍ଥା କାର୍ଯ୍ୟକ୍ଷମ ହୋଇଛି। ସରକାର କୋଲ୍ଡଚେନ ସଲ୍ୟୁଶନ ସଂସ୍ଥାକୁ ଏହାର ଦାୟିତ୍ୱ ଦେଇଛନ୍ତି। ଆମ୍ବ ସିଜିନ୍ ବର୍ତ୍ତମାନ ଆସିଛି। ଢେଙ୍କାନାଳ ବାହାରକୁ ଆମ୍ବ ଭଲ ରପ୍ତାନି କରୁଛି। ଏଠାରେ ପ୍ୟାକିଂ ହାଉସ, ସର୍ଟିଂ ଓ ଶୀତଳ ଭଣ୍ଡାର ସୁବିଧା ଥିବାରୁ ଚାଷୀମାନେ ଏହାଦ୍ୱାରା ପ୍ରୋତ୍ସାହିତ ହୋଇପାରିବେ ବୋଲି କହିଛନ୍ତି।

